# Akashvani, Sambalpur

## SAMBALPURI NEWS BULLETIN

### 24 October 2025 – 6.47- 6.52 am.

**********************************************

ପ୍ରଧାନମନ୍ତ୍ରୀ-ନିଯୁକ୍ତିମେଳା ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ୫୧ ହଜାର୍ ନୁ ଅଏତ୍‌କା ନୂଆ କରି ଚାକ୍‌ରି ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇଥିର୍‌ଲାଗି ଦେଶର ୪୦ଟା ଜାଗା ନ ନିଯୁକ୍ତିମେଳାର ଆୟୋଜନ୍ କରାଯାଉଛେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଭାସୀ ଜରିଏ ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବାଂଟବାର୍ ସହେତେ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇ ଅବ୍‌ସରେ ଭୁବନେଶ୍ୱର ରେଲ୍ ଅଡିଟୋରିଅମ୍ ନ ହେବାର୍‌କେ ଥିବା ନିଯୁକ୍ତିମେଳାଥି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେବେ । ଡାକ୍ ବିଭାଗ ସହେତେ କେନ୍ଦ୍ର ସରକାରଙ୍କ ଭିନ୍ ଭିନ୍ ବିଭାଗଥି ନୂଆକରି ଚାକ୍‌ରି ପାଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବଂଟାଯିବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ନୂଆପଡ଼ା -ଉପ ନିର୍ବାଚନ            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଏଜ୍ ନାମାଙ୍କନ ପତ୍ର ପ୍ରତ୍ୟାହାରର୍ ଶେଷ୍ ଦିନ୍ ରହିଛେ । ଦାଖଲ ହେଇଥିବା ପ୍ରାର୍ଥିପତ୍ରମାନ୍‌କର ଯାଂଚ୍ ପ୍ରକ୍ରିୟା ଗଲା ବୁଧବାର୍ ଶେଷ୍ ହେଇଛେ । ନାମାଙ୍କନପତ୍ର ଦାଖଲ କରିଥିବା ୧୯ ଝନ୍‌ଙ୍କର ଭିତ୍‌ରୁ ୫ ଝନ୍‌କର

ପ୍ରାର୍ଥିପତ୍ର ଖାରଜ୍ ହେଇଛେ । ଇହାଦେତକ୍ ୧୪ ଝନ୍ ପ୍ରାର୍ଥୀ ନିର୍ବାଚନୀ ମଇଦାନ୍‌ଥି ରହିଛନ୍ । ଆଏଜ୍ ଯଦି କେହି ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ କଲେ ଇ ସଂଖ୍ୟା ଆହୁରି କମିପାରେ ।

ଓଡ଼ିଶା- ଆଳୁ ଚାଷ୍ I&PR

ଆଳୁ ଉତ୍ପାଦନ୍‌ଥି ଓଡ଼ିଶାକେ ଆତ୍ମନିର୍ଭର୍ କର୍‌ବାର୍ ଲାଗି ରାଜ୍ୟ ସର୍କାର୍ ଇ ବଛର୍ ୫୦ ହଜାର୍‌ନୁ ଅଏତ୍‌କା ହେକ୍ଟର୍ ଜମିଥି ଆଳୁ ଚାଷ୍ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଗୁଟେ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ୫୦ହଜାର୍ ଏକଡ୍ ଜମିଥି ଆଳୁ ଚାଷ୍ କର୍‌ବାର୍‌କେ ୩ ଲାଖ୍ କ୍ୱିଂଟାଲ୍ ବିହନ୍ ଦର୍‌କାର୍ ହେବା ।

ସଘନ କୃଷି କାର୍ଯ୍ୟକ୍ରମ୍ ବୈଠକ୍ I&PR

ଆଇ.ସି.ଆର୍.ଆଇ.ଏସ୍.ଏ.ଟି ତର୍‌ଫୁ ଗୁଟେ ନୂଆଁ ପ୍ରଜାତିର୍ ରାହାଡ୍ ଦାଏଲ୍ ବିକଶିତ୍ କରାଯାଇଛେ । ଯେନ୍‌ଟାକି କେନ୍‌ସି ଭିଲ୍ ଋତୁଥି ଚାଷ୍ କରାଯାଇପାର୍‌ବା । ଇ ଦାଏଲ୍ ୪୫ ଡିଗ୍ରୀ ଗରମ୍ ସହିପାର୍‌ବା ଆଉ

ଅଏତ୍କା ଅମଲ୍ ହେଇପାର୍ବା । ମାତର୍କ ଶହେ ୨୦ ଦିନେ ଦାଏଲ୍ର ଉପ୍ାଦନ୍ କରାଯାଇପାର୍ବା। ବଲି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ର କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଠାନେ ହେଇଥିବା ସଘନ କୃଷି କାର୍ଯ୍ୟକ୍ରମ୍  ବାବଦ୍ ଗୁଟେ ବୈଠକ୍ଥି ସୂଚ୍ନା ଦିଆଯାଇଛେ । ବୈଠକ୍ଥି ଦିନୁଦିନ୍କେ ଲୁକି ଯାଉଥିବା ଖାଦ୍ୟଶସ୍ୟର୍ ପୁନରୁଦ୍ଧାର୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ରାଜ୍ୟସ୍ତରୀୟ ରବି ଅଭିଯାନ୍ କନ୍ଫରେନ୍ସ           I&PR

ଭୁବ୍ନେଶ୍ୱର୍ କୃଷି ଭବନ୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ରବି ଅଭିଯାନ୍ ସମ୍ମିଲନୀ ହେବା । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇ ସମାରୋହକେ ଉଦ୍ଘାଟନ୍ କର୍ବେ । ଇ ଅବ୍ସରେ ରବି ଚାଷ୍ ବାବ୍ଦେ ଜରୁରୀ ଆଲୋଚନା କରାଯିବାର୍ ସହେତେ ନୀତି ନିର୍ଦ୍ଧାରଣ୍ କରାଯିବା ବଲି ଜନାପଡ଼ିଛେ ।

ରାସନ୍ କାର୍ଡ୍- ଚାଉଲ୍          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ୧୯ ଟା ଜିଲ୍ଲା ନ ୩ ମାସ୍ ଲାଗି ଘର୍ ପିଛା ଅଏତ୍କା ୫ କେଜି ଲେଖା ଚାଉଲ୍ ଦିଆଯିବା  । ଜାତୀୟ ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା

ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀ ପରିବାର୍ ମାନ୍‌କୁ ସେପ୍ଟେମ୍ବର୍‌ନୁ ନଭେମ୍ବର୍ ୩ ମାସ୍‌ତକ୍ ଇ ଅଏତ୍‌କା ଚାଉଲ୍ ଦିଆଯିବା । ଇ ବାବ୍‌ଦେ ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି ବିଭାଗ୍ ତର୍‌ଫୁ ୧୦ ଲାଖ୍ ୫୭ ହଜାର୍ କ୍ୱିଂଟାଲ୍ ଚାଉଲ୍ ଯୁଗେଇ ଦିଆଯାଇଛେ । ନଭେମ୍ବର୍ ୧୦ ତାରିଖ୍‌ତକ୍ ଚାଉଲ୍ ବାଂଟ୍‌ବାର୍ କାମ୍ ସାର୍‌ବାର୍‌କେ ସମ୍ବଲ୍‌ପୁର୍, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ୧୯ ଟା ଜିଲ୍ଲାର୍ ଜିଲ୍ଲାପାଲ୍ ମାନ୍‌କୁ ଯୋଗାଣ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ପୋଲିଓ ଦିବସ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ପୋଲିଓ ଦିବସ୍ । ପୋଲିଓ ର୍ ମାରାତ୍ମକ୍ ପରିଣାମ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ଇ ରୋଗ୍‌ନୁ ଛୁଆମାନ୍‌କୁ ବଁଚାବାର୍ ଲାଗି ରୋଟାରୀ ଇଂଟର୍‌ନେସ୍‌ନାଲ୍ ତର୍‌ଫୁ ଫି’ ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ପୋଲିଓ ଦିବସ୍ ଭାବେ ପାଲନ୍ କରାଯାଉଛେ । ପୋଲିଓ ଟୀକା ବାହାର୍ କରିଥିବା ବୈଜ୍ଞାନିକ୍ ଜୋନସ୍ ସକ୍ ଙ୍କର୍ ଜନମ୍ ଦିନ୍‌କେ ସୁର୍‌ତା କରିକରି ଅକ୍ଟୋବର୍ ୨୪ ତାରିଖ୍ ଦିନ ବିଶ୍ୱ ପୋଲିଓ ଦିବସ୍ ପାଲନ୍ କରାଯାଉଛେ । ତାଙ୍କର୍ ଟୀକାର୍ ବଳେ

ଆଏଜ୍ ସାରା ପୁର୍ଥି ନ ପୋଲିଓ କେ ୯୦ ପ୍ରତିଶତ୍ କମ୍ କରାଯାଇପାରିଛେ ।

ଝାର୍ସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ୍ -ବୈଠକ୍    ଝାର୍ସୁଗୁଡ଼ା

ଫି’ ବଛର୍ ବାଗିର୍ ଇ ବଛର୍ ଭିଲ୍ ଜାନୁଆରୀ ୧ ନୁ ୫ ତାରିଖ୍ତକ୍ ଝାର୍ସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ୍  ଆଉ ଜିଲ୍ଲା ମହୋତ୍ସବ୍- ଦୁଲ୍ଦୁଲି - ୨୦୨୬ ଆୟୋଜନ୍ କରାଯିବା । ଜିଲ୍ଲାପାଳ୍ କୁନାଲ୍ ମୋତିରାମ୍ ଚୌହାନ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ପ୍ରସ୍ତୁତି ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ଇ ବଛର୍ ଦୁଲ୍ଦୁଲି ମହୋତ୍ସବ୍ ବିଟିଏମ୍ ପଡ଼ିଆ ନ ହେବା । ମହୋତ୍ସବ୍ ସାଙ୍ଗେ ପଲ୍ଲିଶ୍ରୀ ମେଳା ଭିଲ୍ ହେବା ।

ଜନଜାତି ଯୁବ ଆଦାନ ପ୍ରଦାନ୍ କାର୍ଯ୍ୟକ୍ରମ୍           କଳାହାଣ୍ଡି

ମେରା ଯୁବା ଭାରତ୍ କଳାହାଣ୍ଡି ଶାଖା ଆଉ ଜିଲ୍ଲା ନ ଥିବା ସିଆର୍ପିଏଫ୍ର ୬୪ ବାଟାଲିୟନ୍ ତର୍ଫୁ ଜନଜାତି ଯୁବ ଆଦାନ ପ୍ରଦାନ୍ କାର୍ଯ୍ୟକ୍ରମ୍ ୨ ନମ୍ବର୍ ଖେପ୍ ମୁଳ୍ ହେଇଛେ । କାର୍ଯ୍ୟକ୍ରମ୍ଥି ନକ୍ସଲ୍ ପ୍ରଭାବିତ୍ ମଦନ୍ପୁର୍ ରାମ୍ପୁର୍ ବ୍ଲକ୍ନୁ ୨୦ ଝନ୍ ଯୁଆନ୍ ପିଲା ଟୁକେଲ୍ ମହାରାଷ୍ଟ୍ରର୍ ମୁମ୍ବାଇ ନ ଆଏବା ୨୭ ନୁ ୨ ତାରିଖ୍ତକ୍

ହେବାର୍‌କେ ଥିବା ଜନଜାତି ଯୁବ ଆଦାନ୍‌ପ୍ରଦାନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍‌କେ ଯାଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍‌ଥି ବଦ୍‌ଲିବା । ରଏବାର୍ ଦିନ ଇଟା ଅବପାତଥି ବଦ୍‌ଲିପାରେ । ଇତାର୍‌ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଆଏବା ୨୭ ଆଉ ୨୮ ତାରିଖ୍ ବର୍ଷା ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।